# ଭୁବନେଶ୍ୱର ସିଟି





## ଉପକଣ୍ଠରେ ରଜ ମଉଜ

**ଯାଁଳା, ୧୩।୬(ସମିସ):** ଶୁକ୍ରବାର ପହିଲି ରଜ । ଏହି ତିନିଦିନିଆ ପର୍ବ ପାଇଁ ଗାଁଠୁ ସହର ଉତ୍ସାହ ଉଦ୍ଦୀପନା ଦେଖାଦେଇଛି । ପର୍ବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଘରେ ଘରେ ପିଠାପଣା ସାଙ୍ଗକୁ ରଜ ପାନର ମହକ ନିଆରା ଆକର୍ଷଣ ହେବ । ଗ୍ରାମାଞ୍ଚଳରେ ଯୁବତୀମାନେ ଏକାଠି ହୋଇ ହାତରେ ମେହେନ୍ଦି, ପାଦରେ ଅଳତା ଲଗାଇ ସଜବାଜ ହେବାକୁ ଚାହିଁ ରହିଛନ୍ତି । ସେହିପରି ପୋଡ଼ ପିଠା, ଏଣ୍ଡୁରି, ଇଡ୍‌ଲି, ଆରିସା, କାକରା ଆଦି ପିଠା ପଣା ପାଇଁ ଘରେ ଘରେ ପ୍ରସ୍ତୁତି ଚାଲିଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ଦୋଳି, ମିଠା ପାନ, ପିଠା, ମିଠା ସହ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ରାଜଧାନୀ ଉପକଣ୍ଠରେ ଖଣ୍ଡଗିରି ପାହାଡ଼ ପାଦଦେଶରେ ଥିବା ପାନ୍ଥିକା ପରିସରରେ ପ୍ରଥମଥର ଓଟିଡିସି ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି । ଏଠି ଏକ ସେଲ୍‌ଫି ପଏଣ୍ଟ ସହ ଘୋଡ଼ା ନାଚ, ସମ୍ବଲପୁରୀ ନୃତ୍ୟ, ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ନୃତ୍ୟ ସ୍ୱତନ୍ତ୍ର ଆକର୍ଷଣ ପାଲଟିବ ବୋଲି କୁହାଯାଇଛି । ସେହିପରି ଡୁମୁଡୁମାରେ ଦୁଇ ଦିନ ଧରି ରଜ ମଉଜ ପାଳନ କରାଯାଉଛି । ପଞ୍ଚସଖାନଗରର ଶିବମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ କରି ମହିଳା ସଂଗଠନ ପକ୍ଷରୁ ପର୍ବ ପାଳନ କରାଯିବାକୁ ଯୋଜନା ରହିଛି । ଘାଟିକିଆରେ ୩ ଦିନ ବ୍ୟାପି ରଜ ମହୋତ୍ସବ ପାଳନ କରାଯିବ । ସେହିଭଳି ପାତ୍ରପଡ଼ା, ମଦନପୁର ଓ ମୁଣ୍ଡମୁହାଣରେ ମଧ୍ୟ ଅନୁରୂପ ଭାବେ ରଜ ଦୋଳିର ବ୍ୟବସ୍ଥା କରାଯାଇଛି ।

## ରଜ ଦୋଳି ବଦଳରେ ରାମ ଦୋଳି

**ଭୁବନେଶ୍ୱର, ୧୩।୬(ସମିସ):** ରଜପର୍ବ କଥା ଉଠିଲେ ପ୍ରଥମେ ମନକୁ ଆସେ ଦୋଳି ଖେଳ କଥା । ବିଶେଷକରି ଯୁବତୀମାନଙ୍କ ପାଇଁ ରଜ ଦୋଳି ଖେଳି ପିଠା, ପାନ ଖାଇ ମଉଜ କରିବାର ସମୟ । ତେବେ ସମୟ ସହ ତାଳ ଦେଇ ପରମ୍ପରାରେ ବି କିଛିଟା ଆଧୁନିକତାର ସ୍ପର୍ଶ ଦେଖିବାକୁ ମିଳୁଛି । ପୂର୍ବରୁ ରଜରେ ପାରମ୍ପରିକ ଦୋଳି ଖେଳ ଜମୁଥିଲା । ଗ୍ରାମାଞ୍ଚଳର ବଡ଼ ବଡ଼ ଗଛ, ବାଉଁଶରେ ଦଉଡ଼ି ବାନ୍ଧି ସେଥିରେ ପିଢା ଲଗାଇ ଦୋଳି ପ୍ରସ୍ତୁତ ହେଉଥିଲା । ତୋଟା, ବାଡ଼ି ବଗିଚାରେ ଏଭଳି ଦୋଳିରେ



ମହିଳା, ଯୁବତୀ, ଛୋଟ ପିଲା ଦୋଳି ଖେଳୁଥିଲେ । ସେହିପରି ସହରମାନଙ୍କରେ ବିଭିନ୍ନ ପାର୍କ, ଘରର ବାଲକୋନି ଆଦିରେ ଦୋଳି ଲଗାଇ ପିଲାମାନଙ୍କଠାରୁ ଆରମ୍ଭ କରି ଯୁବତୀମାନେ ମଜା ନେଉଥିଲେ । ଏବେ ସମୟ ବଦଳିବା ସହ ଦୋଳିରେ ବି ପରିବର୍ତ୍ତନ ଦେଖାଦେଲାଣି । ବିଶେଷକରି ସହରରେ ବିକ୍ରି ହେଉଥିବା ପ୍ଲାଷ୍ଟିକ୍ ଦୋଳି ଆଣି ଘରର ରେଲିଂରେ ଲଗାଇ ରଜ ପାଳୁଛନ୍ତି । ସେହିପରି ରାମ ଦୋଳିର ବେଶ୍ ଚାହିଦା ରହୁଛି । ସେଥିପାଇଁ ରଜ ସମୟରେ ବାହର ରାଜ୍ୟରୁ ବିଭିନ୍ନ ଦୋଳି ନିର୍ମାଣକାରୀ ସଂସ୍ଥା ଓଡ଼ିଶା ଆସୁଛନ୍ତି । ସହରରେ ଲୋକଙ୍କ ଚାହିଦାକୁ ଦେଖି ଏହି ଆଧୁନିକ ଦୋଳିଗୁଡ଼ିକ ସହରବାସୀଙ୍କ ପାଇଁ ନିର୍ମାଣ କରି ମନୋରଞ୍ଜନର ଖୋରାକ ଯୋଗାଉଛନ୍ତି । ବର୍ତ୍ତମାନ ସମୟରେ ନୂତନ ଆଧୁନିକ ଜ୍ଞାନ କୌଶଳରେ ନିର୍ମାଣ ହେଉଥିବା ଦୋଳି ପ୍ରତି ଯୁବପିଢ଼ି ଆକୃଷ୍ଟ ହେଉଛନ୍ତି । ଫଳରେ ଏହା ସହ ଧୀରେ ଧୀରେ ପାରମ୍ପରିକ ଦୋଳି ପ୍ରତି ଲୋକଙ୍କ ଚାହିଦା ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହେଉଛି । ସହର ବିସ୍ତାର ସହ ବିଭିନ୍ନ ଅଞ୍ଚଳରେ ଥିବା ବଡ଼ବଡ଼ ଗଛ ନଷ୍ଟ ହେବା ଦ୍ୱାରା ହେଉ ଅବା ଆଧୁନିକତା ପ୍ରତି ଆକର୍ଷଣ ବଢ଼ିବା ଦ୍ୱାରା ପାରମ୍ପରିକ ଦୋଳି ପ୍ରଭାବିତ ହେଉଥିବା ମତପ୍ରକାଶ ପାଉଛି । ଅନ୍ୟପକ୍ଷରେ ଦୋଳିରେ ବସି ଫଟୋ ଉଠାଇବା, ରିଲ୍ସ କରି ସୋସିଆଲ ମିଡିଆରେ ଭାଇରାଲ୍ କରିବା ଏବେକାର ଫେସନ୍ ପାଲଟିଛି ।

# ସରିଲା ସଜବାଜ, ଆଜିଠୁ ରଜ



ଆରମ୍ଭ ହୋଇଛି ରାଜଧାନୀର ରଜ ମଉଜ । ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜକୁ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ ଓ ଉଦ୍ଦୀପନାର ସହ ପାଳନ କରୁଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି । ସବୁଠି ଦେଖିବାକୁ ମିଳୁଛି ରଜର ପ୍ରସ୍ତୁତି ମାହୋଲ । ରଜପିଠା ସାଙ୍ଗକୁ ରଜପାନ ଖାଇବାର ନିଆରା ଅନୁଭୂତିକୁ ସାଉଁଟୁଛନ୍ତି ସହରବାସୀ । ଏହାସାଙ୍ଗକୁ ରଜଦୋଳିରେ ବସି ଗାଉଛନ୍ତି ରଜଗୀତ । ରାଜଧାନୀର ବସ୍ତିବାସିନ୍ଦା ଏବେ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଆରମ୍ଭ ହୋଇଛି ସଜବାଜ । ଶୁକ୍ରବାରଠାରୁ ଦୋଳି ଖେଳ ସହ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।

## ସବୁ ଓଟିଡିସି ଶାଖାରେ ମିଳିବ ରଜପିଠା



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପାନ୍ଥନିବାସରେ 'ରଜ ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି । ମହିଳା ଏବଂ ଯୁବତୀମାନଙ୍କ ପାଇଁ ରଜ ଦୋଳି, ଅଳତା ଏବଂ ମେହେନ୍ଦୀ ସମେତ ରଜ ପର୍ବ ସମୟରେ ଓଡ଼ିଆ ସୁସ୍ୱାଦୁ ଖାଦ୍ୟକୁ ପ୍ରୋତ୍ସାହିତ କରି ଏହି ରଜ ମହୋତ୍ସବ ପାଳନ ଆରମ୍ଭ ହୋଇଛି । ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ । ରଜପର୍ବକୁ ଆହୁରି ଆକର୍ଷଣୀୟ କରିବାକୁ ରାଜ୍ୟର ସମସ୍ତ ଓଟିଡିସି ଶାଖାରେ ରଜପିଠା ଉପଲବ୍ଧ ହେବା ସହ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁ ଏବଂ 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ବିଭିନ୍ନ ଛକରେ ପିଠା ଉପଲବ୍ଧ ରହିବ । ସକାଳ ୮ ଟାରୁ ୧୨ ଘଟିକା ଏବଂ ଅପରାହ୍ଣ ୪ ଟା ରୁ ୭ ଟା ପର୍ଯ୍ୟନ୍ତ ଏହି ଭ୍ୟାନ ଗୁଡିକ ଉପଲବ୍ଧ ହେବ । ଏହି ଭ୍ୟାନ୍ ଗୁଡିକ ରଜ ପିଠା ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରିବ । 'ପିଠା ଅନ୍ ହ୍ୱିଲ୍' ମଧ୍ୟ ସମ୍ବଲପୁରରେ ଉପଲବ୍ଧ ହେବ । ସିଲ୍‌ଭରସିଟି ବୋଟକ୍ଲବ୍, ଆଇଏସ୍‌ବିଟି କାଫେ ଏବଂ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତରାଁରେ ଆସନ୍ତା ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ବିକ୍ରୟ ପାଇଁ ରଜ ପିଠା କାଉଣ୍ଟର ସ୍ଥାପନ କରାଯିବ । ସଜବାଜ ଅବସରରେ ମହିଳାମାନେ ମେହେନ୍ଦି, ଅଳତା ଲଗାଇବା ସହ ରଜପାନ ଖାଇବାର ମଜା ନେବା ସହ ଦୋଳି ଖେଳିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ, ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଙ୍ଘ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ରଜ ପିଠା ପ୍ରତିଯୋଗିତା



ଓଡ଼ିଶାର ଗଣପର୍ବ ରଜ ପାଇଁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ(ଏସ୍‌ଏଚ୍‌ଏମ୍) ପକ୍ଷରୁ ରଜ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୬ ଜଣ ମହିଳା ଘରେ ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ପିଠା ଆଣିଥିଲେ । ବୁଢ଼ା ଚକୁଳି, ଛେନାମଣ୍ଡା, ବିରି ଖୋଜ, ସୋୟାବିନ୍ ଛୁଙ୍କ ଚିତଉ, ଜାମୁକୋଳି ଚିତଉ ପିଠା, ଆମ୍ବ କାକରା, ସପୁରୀ ଚାଉଳ ପୋଡ଼ପିଠା, ତାଳ ପୋଡ଼ପିଠା, ଚାଉଳ ପୋଡ଼ପିଠା, କ୍ଷୀର ପୋଡ଼ପିଠା, ବିରି ପୋଡ଼ପିଠା, ତ୍ରିରଙ୍ଗା ପୋଡ଼ ପିଠା, ମହୁଲ ପୋଡ଼ ପିଠା, ଚନ୍ଦ୍ରକାନ୍ତି, ସୁଜି ସିଝା ମଣ୍ଡା ପିଠା, ପୁରଦିଆ ମଣ୍ଡା, ସୁଜି କାକରା, ଗୁଡ଼ ଓ ଚିନି ଆରିଷା, ପାଳୁଅ ମଣ୍ଡା ପିଠା, ଭୋଗେଇ, କ୍ଷୀର ଗଇଁଠା, ଜାମୁକୋଳି ମିଠା, ଜାମୁନ୍ ମଣ୍ଡା, ଜାମୁନ୍ ମୋଦକ ଭଳି ୨୪ ପ୍ରକାର ପିଠା ମହିଳାମାନେ ପ୍ରସ୍ତୁତ କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଛପନ ଭୋଗର ପ୍ରତିଷ୍ଠାତା ସତ୍ୟବ୍ରତ ମହାନ୍ତି, ପିପୁଲ୍ ହୋଟେଲ ଆଣ୍ଡ ରିସୋର୍ଟର ନିର୍ଦ୍ଦେଶକ ସୌମ୍ୟଜିତ୍ ମଜୁମ୍‌ଦାର, ରୋଜିସ୍ କିଚେନ୍‌ର ପରିଚାଳନା ନିର୍ଦ୍ଦେଶିକା ସରୋଜା ଚୌଧୁରୀ ପ୍ରମୁଖ ଯୋଗଦେଇ ଖାଦ୍ୟର ମାନ ଓ ସ୍ୱାଦ ପରଖିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏସ୍‌ଏଚ୍‌ଏମ୍‌ର ଆସିଷ୍ଟାଣ୍ଟ ପ୍ରଫେସର ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



## ସଂଗ୍ରହାଳୟରେ ଜମିବ ଗୋଟିପୁଅ, ଘୋଡ଼ାନାଚ

**ଭୁବନେଶ୍ୱର, ୧୩।୬(ସମିସ):** ପହିଲି ରଜରେ ରାଜ୍ୟ ସଂଗ୍ରହାଳୟ ପରିସରରେ କୁମାରୀ ଓ ମହିଳାମାନଙ୍କ ନିମନ୍ତେ ରଜଦୋଳି ବ୍ୟବସ୍ଥା ରହିଥିବାବେଳେ ପୁରୁଷମାନଙ୍କ ପାଇଁ ତାସ୍, ଲୁଡୁ ଖେଳ ଖେଳାଯିବାର ବ୍ୟବସ୍ଥା ରହିଛି । ସେହିପରି ପିଠା, ପାନ ଓ ଖାଦ୍ୟ ସାମଗ୍ରୀର ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ଘୋଡ଼ାନାଚ ଓ ଏହାସହ ଗୋଟିପୁଅ ନୃତ୍ୟ ମୁଖ୍ୟ ଆକର୍ଷଣ ପାଲଟିବ ବୋଲି କୁହାଯାଇଛି । ଏହାସହ ରାଜ୍ୟ ସଂଗ୍ରହାଳୟ ଏବଂ ନିଉ ବ୍ରିଜ୍ ଇଣ୍ଡିଆ ସହଯୋଗରେ ଏକ ପ୍ରଦର୍ଶନୀ 'ବଏ ଡ୍ୟାନସର୍' ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ଡ. ନିବେଦିତା ମହାନ୍ତି ପ୍ରମୁଖ ଯୋଗଦେବେ ବୋଲି ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ସୂଚନା ଦେଇଛନ୍ତି ।

## ବାଲିଅନ୍ତା ଶିକ୍ଷକ ସଂଘ ବୈଠକ

**ବାଲିଅନ୍ତା, ୧୩।୬(ସମିସ)**

ବାଲିଅନ୍ତା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବାଲକାଟିସ୍ଥିତ ବିଜୁ ପଟ୍ଟନାୟକ ପ୍ରାଥମିକ ସ୍କୁଲ ପରିସରରେ ଏକ ସାଙ୍ଗଠନିକ ବୈଠକ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଜମ୍ବେଶ୍ୱର ମଲ୍ଲିକ ଏବଂ ରାଜ୍ୟ କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ବିଷ୍ଣୁ ଚରଣ ବେହେରା ସଭାପତି, ସମ୍ପାଦକ ଯୋଗେନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ବଂଶୀଧର ମଲ୍ଲିକ, ଉପ ସଭାପତି ପ୍ରମୋଦିନୀ ପୃଷ୍ଟି, ସହ ସମ୍ପାଦକ ଆଦିତ୍ୟ ଚରଣ ବେହେରା, ସର୍କଲ ସମ୍ପାଦକ ତରୁଲତା ଜେଠୀ, ଅବନୀ ଭୂଷଣ ଦାଶ, ଲକ୍ଷ୍ମୀପ୍ରିୟା ସେନାପତି, ଧନୀ ମଲ୍ଲିକ, ଯୋଗେନ୍ଦ୍ର ସାହୁ ନିର୍ବାଚିତ ହୋଇଥିଲେ । ଯୁଗଳ ଚରଣ ମହାନ୍ତି, ଶିକ୍ଷୟିତ୍ରୀ ନଳିନୀ ପ୍ରହରାଜ, ବିରତି ବାଳା ନାୟକ ଏବଂ କଳିଙ୍ଗ ବାଳା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା ।



## ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲା ମାଟ୍ରନ୍ ମହାସଂଘ



**ଭୁବନେଶ୍ୱର, ୧୩।୬(ସମିସ):** ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମାଟ୍ରନ୍ ମହାସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଅତିଥି ଭବନଠାରେ ମହାସଂଘର ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ପ୍ରତିନିଧି ଦଳରେ ମହାସଂଘର ରାଜ୍ୟ ସଭାନେତ୍ରୀ ମମତା ସାହୁ, ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାତି ପାତ୍ର ଏବଂ ସମ୍ପାଦିକା ବୀଣାପାଣି ବିଶ୍ୱାଳ, ସସ୍ମିତା ନାୟକ, ଅନୁପମା ବେହେରା, ମଞ୍ଜୁଜିନୁଫା ଖାଲ୍‌କୋ, ମଞ୍ଜୁଲତା ପ୍ରଧାନ, ଅନ୍ନପୂର୍ଣ୍ଣା ପରିଚ୍ଛା, ସୁଷମା ନାୟକ, ଆରତୀ ପାତ୍ର, ତଅପୋଇ ଦାସ, ପ୍ରତିମା ମଲ୍ଲିକ, ରଞ୍ଜିତା ବେହେରା, ରୀତାରାଣୀ ସୂତାର, ପ୍ରୀତିମୟୀ ଚକ୍ର, ପ୍ରେମଲତା ମହନ୍ତ, ଫୁଲମଣି ମହନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

## ମୁଖ୍ୟମନ୍ତ୍ରୀ ଓ ନୂତନ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଲା ଆଇନଜୀବୀ ପରିଷଦ

**ଭୁବନେଶ୍ୱର, ୧୩।୬(ସମିସ):** ରାଜ୍ୟରେ ପ୍ରଥମ କରି ବିଜେପି ସରକାର ଗଢ଼ିବା ସହ ଗତ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଶପଥ ନେଇଛନ୍ତି । ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ସମସ୍ତ ମନ୍ତ୍ରିପରିଷଦ ସଦସ୍ୟଙ୍କୁ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସମସ୍ତ ସଦସ୍ୟଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ରାଜ୍ୟରେ କର୍ତ୍ତବ୍ୟରତ ଅଧିବକ୍ତାଙ୍କ ପାଇଁ ନୂତନ କରି ଦାୟିତ୍ୱ ନେଇଥିବା ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି । ବିଶେଷ କରି ପୂର୍ବ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ଦାବି ଗୁଡ଼ିକ ପୂରଣ ହୋଇ ନ ଥିବାରୁ ନୂତନ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସେ ନିବେଦନ କରିଛନ୍ତି ।



ବିଶେଷ କରି ଓଡ଼ିଶା ଆଇନଜୀବୀ ପରିଷଦ ଅନ୍ତର୍ଭୁକ୍ତ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଦିଆଯାଉଥିବା ଅନୁଦାନ ରାଶିକୁ ୫କୋଟି ଟଙ୍କାରୁ ୧୦କୋଟିକୁ ବୃଦ୍ଧି, ମଧୁ ବାବୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସମସ୍ତ ଓକିଲଙ୍କୁ ୧୦ଲକ୍ଷ ଲେଖାଏଁ ସହାୟତା, ଓଡ଼ିଶାରେ କେରଳ ରାଜ୍ୟ ଭଳି ଆଇନଜୀବୀ ଏକାଡେମୀ ପ୍ରତିଷ୍ଠା ଓ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନ ଦେବାକୁ କରାଯାଇଥିବା ଦାବି ଏହି ନୂତନ ସରକାର ପୂରଣ କରିବେ ବୋଲି ସେ ଆଶାବାଦୀ ଥିବା ମତବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଇନରେ ସ୍ନାତକ ଶିକ୍ଷା ଲାଭ କରିଥିବାରୁ ଆଇନଜୀବୀଙ୍କ ସମସ୍ୟାର ସମାଧାନ ଦିଗରେ ସେ ନିଶ୍ଚୟ ପ୍ରଚେଷ୍ଟା କରିବେ ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି ।

## ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ



**ବାଲିପାଟଣା, ୧୩।୬(ସମିସ)**

ବାଲିପାଟଣା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଗାମୀ ବର୍ଷା ଦିନରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିସ୍ଥିତିକୁ କିଭଳି ମୁକାବିଲା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ବ୍ଲକ ଅଞ୍ଚଳରେ ଥିବା ୪ଟି ବାତ୍ୟା ଆଶ୍ରୟସ୍ଥଳୀ କୁରୁଞ୍ଜିପୁର, କଣ୍ଟାପଡ଼ା, ପୁବାଗଡ଼, ଗରିଆର ଅବସ୍ଥା ଅନୁଧ୍ୟାନ କରିବା, ଅଗ୍ନିଶମ ସଂସ୍ଥା ପକ୍ଷରୁ ମକ୍‌ଡ୍ରିଲ୍ କରାଯିବା, ପାନୀୟ ଜଳର ଉତ୍ସକୁ ବ୍ୟବସ୍ଥିତ କରିବା, ରିଲିଫ୍ ଡଙ୍ଗାକୁ ପ୍ରସ୍ତୁତ ରଖିବା, ଖାଦ୍ୟ ପଦାର୍ଥ ମହଜୁଦ ରଖିବା ସ୍ଥାନ ନିରୂପିତ କରାଯିବା, ସର୍ବୋପରି ସ୍ୱେଚ୍ଛାସେବୀ, ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା ସମ୍ପର୍କରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାସ, ବିଇଓ ବିଜୟ ବେହେରା, ବିଡିଓ ଦୁର୍ମନ୍ ଦାସ, ଏଏଫ୍‌ଓ ଏସ୍.କେ ସେନାପତି, କଲେଜ ଅଧ୍ୟକ୍ଷ ମଧୁମତି ରଥ, ଅଗ୍ନିଶମ ବିଭାଗର ପ୍ରସନ୍ନ ସାହୁ, ପାନୀୟଜଳ ବିଭାଗର ଜେଇ ବସନ୍ତ ଦଳାଇ, ସଞ୍ଜୟ ସାହୁ, ବିଦ୍ୟୁତ୍ ବିଭାଗ ଜେଇ ରାଜେଶ୍ ନାୟକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ଓ ନୋଡାଲ ଏନ୍‌ଜିଓର ସମ୍ପାଦକ ଶିବ ପାଟଯୋଶୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଦିବ୍ୟଜ୍ୟୋତି ଭୂତିଆ ଓ ସଂଗ୍ରାମ କେଶରୀ ଦାସ ପରିଚାଳନା କରିଥିଲେ । ଆଗାମୀ ୧୮ ତାରିଖରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ମକ୍‌ଡ୍ରିଲ୍ କରାଯିବା ପାଇଁ ସ୍ଥିର ହୋଇଛି ।

## 'ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ୍ ପରମ୍ପରା'

**ଭୁବନେଶ୍ୱର, ୧୩।୬(ସମିସ)**



ପୂଜ୍ୟପୂଜା ହେଉଛି ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା । ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର୍ ଡାକ୍ତର ଅଶୋକ କୁମାର ମହାପାତ୍ର ଏହା କହିଛନ୍ତି । ଏହାସହ ଶ୍ରୀ ମହାପାତ୍ର ପଦ୍ମଶ୍ରୀ ରାଧାମୋହନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଲଡୁ କିଶୋର ପଡ଼ିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ବିଜୟ କୁମାର ମହାନ୍ତି, ପର୍ଶୁରାମ ଦ୍ୱିବେଦୀ, ମୀନତି ଷଡ଼ଙ୍ଗୀ, ସୀତାବଲ୍ଲଭ ମହାପାତ୍ର, ସିଦ୍ଧାର୍ଥ କାନୁନ୍‌ଗୋ, ଅଭୟ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ଉପରେ କହିଥିଲେ । ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

